- ❖ରାଜ୍ୟରେ ନବମ ଓ ଦଶମ ଶ୍ରେଣୀରେ ପଢୁଥିବା ଅନୁସୂଚିତ ଜନଜାତି ଓ ଜାତିର (SC/ST) ଛାତ୍ରଛାତ୍ରୀମାନଙ୍କ ବିକାଶ ପାଇଁ ଓଡ଼ିଶା ବାଳିକା ମାଧ୍ୟମିକ ଶିକ୍ଷା ପ୍ରୋତ୍ସାହନ ଛାତ୍ରବୃତ୍ତୀ ଯୋଜନା କାର୍ଯ୍ୟକାରୀ କରୁଛନ୍ତି ।
- ❖ଘରୁ ଯାଇ ପାଠ ପଢୁଥିବା ଏହି ବର୍ଗର ଛାତ୍ରୀମାନଙ୍କ ପାଇଁ ମାଧ୍ୟମିକ ଶିକ୍ଷା ବାର୍ଷିକ ୩୨୦୦ ଟଙ୍କା ଛାତ୍ରବୃତ୍ତୀ ବ୍ୟବସ୍ଥା ।
- ❖ଛାତ୍ରବୃତ୍ତୀର ରାଶି ପାଇବା ପାଇଁ ଏହି ବର୍ଗର ଛାତ୍ରୀମାନେ ଯେତେ ଶୀଘ୍ର ନିକଟସ୍ଥ ବ୍ୟାଙ୍କରେ ନିଜ ନାମରେ ଜମାଖାତା ଖୋଲିବା ଆବଶ୍ୟକ ତଦ୍ଦ୍ୱାରା ଛାତ୍ରବୃତ୍ତୀର ରାଶି ସିଧାସଳଖ ବ୍ୟାଙ୍କ ଖାତାରେ ଜମା ହୋଇ ପାରିବ ।
- ❖ଛାତ୍ରବତ୍ତୀ ପାଇଁ ଏକ ନିର୍ଦ୍ଧାରିତ ଫର୍ମ ଛାତ୍ରୀମାନେ ନିଜ ନିଜ ବିଦ୍ୟାଳୟରୁ ପାଇପାରିବେ ଏବଂ ଏହି ଫର୍ମଟି ପୂରଣ କରି ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ପାଖରେ ଜମା କରିବେ ।
- ❖ଏହି ସଂପର୍କରେ ଅଧିକ ଜାଣିବା ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନିଜ ନିଜ ଜିଲ୍ଲାର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ (WEO) କିମ୍ବା ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ (DWO) ସହିତ ଯୋଗାଯୋଗ କରିପାରିବେ ।
- ❖ଏହି ବର୍ଗର ପରିବାର ମାନଙ୍କୁ ଅନୁରୋଧ ସେମାନଙ୍କ ଝିଅମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ସ୍କୁଲ ପଠାନ୍ତୁ ଏବଂ ଛାତ୍ରବୃତ୍ତୀ ପାଇବାର ହକ୍‌ଦାର ହୁଅନ୍ତୁ ।

"ନବମ ଦଶମ ପଢ଼ିବି
ଆହୁରି ଆଗକୁ ବଢ଼ିବି"

୬. ଏହି ସୂଚନାଟି ଆକାଶବାଣୀ ସମ୍ବଲପୁର, ଜୟପୁର, ବ୍ରହ୍ମପୁର ଏବଂ ବଲାଙ୍ଗୀର କେନ୍ଦ୍ରମାନଙ୍କ ପାଇଁ ।

ସୂଚନାଟି ହେଲା – ଆସନ୍ତା କାଲି ଗୁରୁବାର ୦୧/୦୮/୨୦୧୩ ତାରିଖ ଅପରାହ୍ନ ୫ଟା ୩୦ମିନିଟ୍‌ରେ ପ୍ରସାରଣ ହେବାକୁ ଥିବା ୩୦ ମିନିଟ୍‌ର ପ୍ରାୟୋଜିତ କାର୍ଯ୍ୟକ୍ରମ 'ଜୀବନ ଜିନ୍ଦାବାଦ୍' । ବର୍ତ୍ତମାନ ଆମେ feed କରୁଛୁ । ଆକାଶବାଣୀ ସମ୍ବଲପୁର, ଜୟପୁର, ବ୍ରହ୍ମପୁର ଏବଂ ବଲାଙ୍ଗୀର କେନ୍ଦ୍ରମାନଙ୍କ ମଧ୍ୟରୁ ଯେଉଁ କେନ୍ଦ୍ରମାନେ ଏହି କାର୍ଯ୍ୟକ୍ରମକୁ ଆସନ୍ତାକାଲି ଗୁରୁବାର ୦୧/୦୮/୨୦୧୩ ତାରିଖ ଅପରାହ୍ନ ୫ଟା ୩୦ ମିନିଟ୍‌ରୁ ଆକାଶବାଣୀ କଟକ କେନ୍ଦ୍ରରୁ relay କରି ପ୍ରସାରଣ କରି ପାରିବେନାହିଁ । ସେମାନେ ଏହାକୁ recording କରି ପ୍ରସାରଣ କରିବେ । ବର୍ତ୍ତମାନ ଆମେ ଏହି କାର୍ଯ୍ୟକ୍ରମକୁ feed କରୁଛୁ ।